## ସଂକ୍ଷେପରେ

### ବାଇକ୍ ଧକ୍କାରେ ଲୁନା ଆରୋହୀ ମୃତ

ପାଟଣା,୧୨।୧୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ମଲ୍ଲାରପଦା ଗ୍ରାମ ରାସ୍ତାରେ ବୁଧବାର ସନ୍ଧ୍ୟାରେ ବାଇକ ଧକ୍କାରେ ଭୀମସେନ ମୁଦୁଲି(୬୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗତ ବୁଧବାର ସନ୍ଧ୍ୟାରେ ସେ ଲୁନା ଯୋଗେ ବନମାଳିପୁର ଗ୍ରାମକୁ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ତାଙ୍କ ଲୁନାକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଖବର ପାଇ ତୁରୁମୁଙ୍ଗା ପୋଲିସ ପହଞ୍ଚି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା (ନଂ.୧୪୨/୧୯) ରୁଜୁ କରିଥିବା ଥାନାଧିକାରୀ ବାରେନ୍ଦ୍ର ଶିଆଳ ସୂଚନା ଦେଉଛନ୍ତି।

### ଫାର୍ମାସିଷ୍ଟଙ୍କ ବଦଳି ପ୍ରତିବାଦରେ ଦାବିପତ୍ର ପ୍ରଦାନ

କେନ୍ଦୁଝର, ୧୨।୧୨(ସ୍ୱ.ପ୍ର.)-ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାଶିଷ୍ଟଙ୍କ ବଦଳିକୁ ନେଇ ଅସନ୍ତୋଷ ବଢୁଛି। ଏନେଇ ସ୍ଥାନୀୟ ଲୋକେ ଗୁରୁବାର ସିଡିଏମଓଙ୍କ ପାଖକୁ ଯାଇ ଦାବିପତ୍ର ଦେଇଛନ୍ତି। ଉକ୍ତ ଡାକ୍ତରଖାନା ଉପରେ ରାଇସୁଆଁ ଓ ଗୋପୀନାଥପୁର ପଞ୍ଚାୟତର ଲୋକ ମାନେ ନିର୍ଭର କରନ୍ତି। ଦୀର୍ଘ ବର୍ଷ ହେଲା ଡାକ୍ତର ଅଭାବ ଥିବାରୁ ଜଣେ ଫାର୍ମାଶିଷ୍ଟ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଥିଲେ। ସେ ଥିବାରୁ ସେ ଅଞ୍ଚଳର ଲୋକମାନେ କେନ୍ଦୁଝରକୁ ଚିକିତ୍ସା ପାଇଁ ଆସିବାକୁ ପଡୁ ନ ଥିଲା। ଏଣୁ ତାଙ୍କୁ ବଦଳି ନ କରିବାକୁ ସ୍ଥାନୀୟ ଜୟନ୍ତୁଲ ଆବେଦିନ ଓ ଅନ୍ୟ ମାନେ ସିଡିଏମଓଙ୍କୁ ଭେଟି ନିବେଦନ କରିଛନ୍ତି।

### କେନ୍ଦୁଝର ଜିଲା ହ୍ୟାଣ୍ଡବଲ ଦଳର ଜଗତ୍‌ସିଂହପୁର ଯାତ୍ରା

କେନ୍ଦୁଝର, ୧୨।୧୨(ଡି.ଏନ୍.ଏ.)-କେନ୍ଦୁଝର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଦଳ ଜଗତସିଂହପୁର ଯାତ୍ରା କରିଥିବା ଜଣାପଡିଛି। ଡିସେମ୍ବର ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁରଠାରେ ହେବାକୁ ଥିବା ୩୩ତମ ରାଜ୍ୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଯୋଗ ଦେବାକୁ ଜିଲାର ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଦଳ ଯାତ୍ରା କରିଥିବା ଜଣାପଡିଛି। ଏହି ଅବସରରେ କେନ୍ଦୁଝର ହ୍ୟାଣ୍ଡବଲ ଖେଳାଳିଙ୍କର ନୂତନ ଜର୍ସିକୁ ହ୍ୟାଣ୍ଡବଲ ଆସୋସିଏଶନ୍‌ର ସମ୍ପାଦକ ରିତ୍ୱିକ ଅଧିକାରୀ ଏବଂ ବରିଷ୍ଠ ହ୍ୟାଣ୍ଡବଲ ଖେଳାଳିଙ୍କ ଉପସ୍ଥିତିରେ ଉନ୍ମୋଚନ ହୋଇଛି। ମହିଳା ହ୍ୟାଣ୍ଡବଲ ଦଳର ଅଧିନାୟିକା ଭାବେ ଅନୀତା ନାଏକଙ୍କୁ ଚୟନ କରାଯାଇଥିବାବେଳେ ପୁରୁଷ ଦଳର ଅଧିନାୟକ ଭାବେ ଅନୀଲ କୁମାର ଜେନାଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ଜିଲାର ଏହି ପୁରୁଷ ଓ ମହିଳା ହ୍ୟାଣ୍ଡବଲ ଦଳରେ ବହୁ ଜାତୀୟ ଖେଳାଳି ଥିବା ସୂଚନା ମିଳିଛି। ରବୀନ୍ଦ୍ର କୁମାର ବାରିକ ହ୍ୟାଣ୍ଡବଲ ଦଳର ମ୍ୟାନେଜର ଭାବେ ଟିମ୍‌ରେ ଯାଉଥିବାବେଳେ ପ୍ରଦୋଷ ପ୍ରଧାନ ଟିମ୍‌ର କୋଚ୍ ଭାବେ କାର୍ଯ୍ୟଭାର ତୁଲାଇବେ ବୋଲି ସୂଚନା ମିଳିଛି।

### ଧର୍ମପରାୟଣାଙ୍କ ପରଲୋକ


ବାଣୀ ଦାସ

ଯୋଡ଼ା, ୧୨।୧୨(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ସହରର ତଥା ରାଜ୍ୟର ବିଖ୍ୟାତ ଅସ୍ଥିଶଲ୍ୟ ଡାକ୍ତର ଅନୀଲ କୁମାର ଦାସଙ୍କର ସ୍ତ୍ରୀ ବାଣୀ ଦାସଙ୍କର ୬୫ ବର୍ଷରେ ଗତ ୮ ତାରିଖରେ ମୃତ୍ୟୁ ହୋଇଛି। ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ବାଣୀ ଦାସ ୧୯୮୧ ମସିହାରୁ ଯୋଡା ଜଗନ୍ନାଥ ମନ୍ଦିର ସହିତ ଓତଃପ୍ରୋତ ଭାବେ ଜଡିତ ଥିଲେ। ତାଙ୍କ ସ୍ୱାମୀ ଡାକ୍ତର ଅନୀଲ କୁମାର ଦାସ ଯୋଡା ଶ୍ରୀ ଜଗନ୍ନାଥ ମନ୍ଦିରର ସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି। ବାଣୀ ଦାସ କେନ୍ଦ୍ରାପଡାର ବିଖ୍ୟାତ ଓକିଲ କୁଞ୍ଜବିହାରୀ ଦାସଙ୍କର ଝିଅ । ତାଙ୍କ ମୃତ ଶରୀରକୁ ଡାକ୍ତର ଦାସଙ୍କର ନାଗେଶ୍ୱରଟାଙ୍ଗୀସ୍ଥିତ ବାସ ଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ୱାମୀ , ଦୁଇ ପୁଅ ଓ ଏକମାତ୍ର କନ୍ୟା ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁରେ ଗଭୀର ଶୋକର ଛାୟା ଖେଳିଯାଇଛି । ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଗାଁ ରାସ୍ତାରେ ବାଲିଗାଡ଼ି ଚଳାଚଳକୁ ବିରୋଧ

## ପ୍ରତିବାଦରେ ଧାରଣା ଦେଲେ ସିଂଡୋଭ ଗ୍ରାମବାସୀ



**ମଦନ ଦେହୁରୀ (ସିଂଡୋଭ ବାସୀ)**



ଦିନରାତି ସବୁବେଳେ ବାଲିଗାଡି ଆମ ଗାଁ ରାସ୍ତାରେ ଦେଇଯାଉଥିବାରୁ ଆମେ କାରବାର କିଛି କରିପାରୁନୁ। ପିଲାମାନେ ସ୍କୁଲ ଯାଇପାରୁ ନାହାନ୍ତି। ସେଇଥିପାଇଁ ପ୍ରତିବାଦ କରି ବସିଛୁ।

**ଜୁଲ ଖଟୁଆ (ସିଂଡୋଭ ବାସୀ)**



ଛୁଆ ପିଲା ସ୍କୁଲକୁ ଯାଇପାରୁ ନାହାନ୍ତି, ରାସ୍ତା ଘାଟ କାଦୁଅ ହେଇଯାଉଛି, ପକ୍କା ରାସ୍ତା ବି ଭାଙ୍ଗି ଯାଉଛି। ଗାଁ ରାସ୍ତା ଦେଇ ବାଲି ଗାଡି ଚଳାଚଳ ବନ୍ଦ ହେଉ ଆମର ଦାବି।

ଆନନ୍ଦପୁର,୧୨।୧୨(ସ୍ୱ.ପ୍ର.)

ବେଆଇନ ଭାବେ ସିଂଡୋଭ ଗ୍ରାମ ରାସ୍ତାରେ ବାଲିଗାଡି ଚଳାଚଳକୁ ବିରୋଧ କରି ଗ୍ରାମବାସୀ ଗୁରୁବାର ଗ୍ରାମ ରାସ୍ତାରେ ଧାରଣା ଦେଇଛନ୍ତି। ଆନନ୍ଦପୁର ଥାନା ଅଧୀନ ସିଂଡୋଭ ଗ୍ରାମରେ ସୃଷ୍ଟି ହୋଇଛି ଏଭଳି ପରିସ୍ଥିତି। ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛି। ସୂଚନାଯୋଗ୍ୟ ବଞ୍ଚୋଠାରେ ଲିଜ୍ ବାଲି ଘାଟକୁ ବେଆଇନ ଭାବେ ପରିଚାଳନା କରାଯାଉଥିବା ଅଭିଯୋଗ କରି ୧୨ତାରିଖ ସିଂଡୋଭ ଗ୍ରାମରେ ଥିବା ଅଙ୍ଗନୱାଡ଼ି ଓ ସ୍କୁଲ ପାଖ ରାସ୍ତାରେ ଗ୍ରାମବାସୀ ଧାରଣା ଦେବେ ବୋଲି ଆନନ୍ଦପୁର ଉପଜିଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହା ଏକ ସର୍ତ୍ତମୂଳକ ଦାବି ପତ୍ର ହୋଇଥିବାବେଳେ ୨୦୧୯ ମସିହା ଡିସେମ୍ବର ୫ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଧାରଣା କରାଯିବ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏହି ଅଭିଯୋଗର ଏକକିତା ନକଲ କପି ଆନନ୍ଦପୁର ବିଧାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆନନ୍ଦପୁର, କେନ୍ଦୁଝର ଜିଲାପାଳ, ଜଳସମ୍ପଦ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆନନ୍ଦପୁର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଅଭିଯୋଗ ଅନୁଯାୟୀ ସଂପୃକ୍ତ ବାଲିଘାଟକୁ ସରକାରୀ ସ୍ତରରେ କୌଣସି ରାସ୍ତା ନଥିବାବେଳେ ଏହାକୁ କେଉଁ ପରିସ୍ଥିତିରେ ଲିଜ୍ ଦିଆଯାଇଛି, ନିଲାମ ଅଞ୍ଚଳର ସୀମା ନିର୍ଦ୍ଧାରଣ କରାଯାଇଥିଲେ ବି ଏହାର ଉଲ୍ଲଂଘନ, ମାଇନିଂ ପ୍ଲାନର ଖୋଲାଖୋଲି ଉଲ୍ଲଂଘନ, ବାଲିଶଯ୍ୟାକୁ ନିର୍ଦ୍ଧାରିତ ଗଭୀରତା ଠାରୁ ଅଧିକ ଗଭୀରତାରୁ ବାଲି ଖୋଳାଯାଇ ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରାଯାଉଛି, ନିର୍ଦ୍ଧାରିତ ବାଲି ଉଠାଣ ଠାରୁ ଅତ୍ୟଧିକ ବାଲି ଉଠାଣ, ସରକାରୀ ନିୟମ ଠାରୁ ଦୁଇଶହ ଗୁଣ ଅଧିକ ମୂଲ୍ୟରେ ବାଲି ବିକ୍ରି, ବିନା ରୟାଲଟିରେ ବେଧଡକ ବାଲି ଚାଲାଣ, ବୈତରଣୀ ନଦୀ ସୁରକ୍ଷା ବନ୍ଧରେ ବାଲି ବୋଝେଇ ଭାରିଯାନ ଚଳାଚଳ, ଗ୍ରାମ୍ୟ ରାସ୍ତାରେ ଦିନ ରାତି ବହୁଳ ପରିମାଣର ଯାନବାହାନ ଦ୍ୱାରା ବାଲି ଚାଲାଣ, ବାଲିଶଯ୍ୟା ସଂଲଗ୍ନ ଗ୍ରାମ୍ୟ ଜଙ୍ଗଲ ସମ୍ପଦ ନଷ୍ଟ, ବାଲିଘାଟକୁ କେନ୍ଦ୍ର କରି ଗ୍ରାମର ଅଧିକାଂଶ ଲୋକଙ୍କ ନାମରେ ମିଥ୍ୟା ମୋକଦ୍ଦମା ଦାୟର ଘଟଣାକୁ ନେଇ ସମସ୍ୟାର ସମାଧାନ ଦିଗରେ ଦାବି କରାଯାଇଛି। ତେବେ ବିଗତ ବର୍ଷରେ ବେଆଇନ ବାଲିଘାଟ ପରିଚାଳନା ଯୋଗୁ ତିନି ଜଣ ନାବାଳକଙ୍କ ମୃତ୍ୟୁ ହେବା ଘଟଣା ଓ ନଦୀ ସୁରକ୍ଷାବନ୍ଧକୁ ଦୁର୍ବଳ କରିବା, ସାଧାରଣ ଜୀବନ ଯାପନକୁ ପ୍ରଭାବିତ କରିବା ଭଳି କାର୍ଯ୍ୟ କରାଯିବା ଘଟଣାକୁ ନେଇ ମର୍ମାହତ ଗ୍ରାମବାସୀ ପ୍ରତିବାଦ କରିବା ସହିତ ଧାରଣ ଦେବାକୁ ଅଣ୍ଟା ଭିଡିଥିଲେ। ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ମହିଳା ଓ ପୁରୁଷ ରାସ୍ତାର ଗୋଟିଏ ପାର୍ଶ୍ୱରେ ବସି ଧାରଣା ଦେଇଥିଲେ।

# 'ମୋମୋ' କରିଛି ସସ୍ମିତାଙ୍କୁ ସ୍ୱାବଲମ୍ବୀ



ଗ୍ରାହକ ଏବଂ ସ୍ୱାମୀଙ୍କ ସହିତ ସସ୍ମିତା।

**ଜିତେନ୍ଦ୍ର କୁମାର ସାହୁ**
ଘସିପୁରା, ୧୨।୧୨

'ମୋମୋ' ଏହି ସ୍ୱାଦିଷ୍ଟ ଖାଦ୍ୟ ବ୍ୟଞ୍ଜନ ବିଷୟରେ ହୁଏତ ସଭିଏଁ ଜାଣିଥିବେ। ଆଉ ଏହାର ସ୍ୱାଦ ମଧ୍ୟ ଚାଖିଥିବେ। ସାଧାରଣତଃ ବଡ଼ ସହାରଞ୍ଚଳରେ ମିଳୁଥିବା ମୋମୋ ଏବେ ଆନନ୍ଦପୁରରେ ମଧ୍ୟ ମିଳୁଛି। ଆଉ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ବିଷୟ ଏହିକି ଯେ ମୋମୋ ତିଆରି ବ୍ୟବସାୟ ଜରିଆରେ ଜଣେ ମହିଳା ଆତ୍ମନିର୍ଭରଶୀଳ ହେବା ସହ ସ୍ୱାବଲମ୍ବୀ ହୋଇ ପାରିଛନ୍ତି।

ଆନନ୍ଦପୁର ପୌରାଞ୍ଚଳ ଫକିରପୁରରେ ଗୋବିନ୍ଦ ଦାସଙ୍କ ସ୍ତ୍ରୀ ସସ୍ମିତା ଦାସଙ୍କ ହାତ ତିଆରି ସ୍ୱାଦିଷ୍ଟ ମୋମୋ ଏବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ। ସସ୍ମିତା ନିଜ ଘରେ ମୋମୋ ତିଆରି କରି ତାହାର ବ୍ୟବସାୟରେ ସ୍ୱାବଲମ୍ବୀ ହେବା ସହ ପରିବାର ରୋଜଗାରରେ ସ୍ୱାମୀଙ୍କ ସହ ଅଂଶିଦାର ହୋଇ ପାରିଛନ୍ତି। ଫକିରପୁର ଏହି ଯୁବ ଦମ୍ପତି ଦୀର୍ଘ ବର୍ଷ ହେବ ନେପାଳରେ ରହୁଥିଲେ। ସେଠାରେ ଗୋବିନ୍ଦ ଏକ କମ୍ପାନୀରେ ଚାକିରି କରି ପରିବାର ପ୍ରତିପୋଷଣ କରୁଥିଲେ। ସସ୍ମିତା ସେହିଠାରେ ହିଁ ନିଜ ସାଙ୍ଗସାଥୀ ଓ ପଡ଼ିଶାଙ୍କ ଠାରୁ ମୋମୋ ତିଆରି କରିବା କଳାକୌଶଳ ପାଇଥିଲେ। ନିଜ ଦୃଢ ଇଚ୍ଛାଶକ୍ତି ବଳରେ ସେ ସ୍ୱଦିଷ୍ଟ ମୋମୋ ତିଆରି କୌଶଳ ଶିଖି ପାରିଥିଲେ। ଏବେ ଏହି ଦମ୍ପତି ଫକିରପୁର ସ୍ଥିତ ନିଜ ଘରକୁ ଫେରି ଆସି ଏଠାରେ ମୋମୋ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରି ପାରୁଛନ୍ତି। ମଇଦାକୁ ଚକଟି ସେଥିରେ ଚିକେନ କିମ୍ବା ପନିରକୁ ପୁର ଆକାରରେ ଦେଇ ଷ୍ଟିମରରେ ଶିଝାଇ ମୋମୋ ପ୍ରସ୍ତୁତ କରୁଛନ୍ତି ସସ୍ମିତା। ସସ୍ମିତାଙ୍କ ମୋମୋ ଖାଇବାକୁ ଆନନ୍ଦପୁର ,ଘସିପୁରା, ଶାଳପଡ଼ା ସମେତ ଆଖପାଖ ଅଞ୍ଚଳରୁ ବହୁ ଗରାଖଙ୍କ ଭିଡ଼ ଜମୁଛି। ସ୍ତ୍ରୀଙ୍କର ଏହି ମୋମୋ ତିଆରି କରିବାର କୌଶଳ ଉପରେ ଖୁସି ବ୍ୟକ୍ତ କରିବା ସହ ଭବିଷ୍ୟତରେ ଏହି ବ୍ୟବସାୟକୁ ବଢାଇବା ପାଇଁ ଲକ୍ଷ୍ୟ ରଖିଥିବା ଗୋବିନ୍ଦ କହିଛନ୍ତି।

# କେବୁଲ ଖୁଣ୍ଟକୁ ଧକ୍କାଦେଲା ଡମ୍ପର

## ଅନ୍ଧକେ ବର୍ତ୍ତିଲେ ହଟିଂବାସୀ

ଯୋଡ଼ା, ୧୨।୧୨(ଡି.ଏନ.ଏ.)-


ରାସ୍ତା ତଳକୁ ଖସିଯାଇଥିବା ଡମ୍ପର।

କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ନଂ ୨ର ଧରଣୀଧର ଛକ ନିକଟରେ ଗୁରୁବାର ଭୋର ସମୟରେ ଏକ ଡମ୍ପର ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ କେବୁଲ୍ ଖୁଣ୍ଟକୁ ଧକ୍କା ଦେବାରୁ କେବୁଲ ସେବା ବ୍ୟାହତ ହେବା ସହିତ ରାସ୍ତା କଡରେ ରହୁଥିବା ହଟିଂବାସୀ ଅନ୍ଧକେ ବର୍ତ୍ତି ଯାଇଛନ୍ତି। ହଟିଂବାସୀଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ ଗୁରୁବାର ଭୋର ପ୍ରାୟ ସାଢ଼େ ୫ଟାରେ ଏକ ଡମ୍ପର ବାଂଶପାଣି ଆଡୁ ଯୋଡା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଉକ୍ତ ଛକ ନିକଟରେ ରାସ୍ତାର ଡାହାଣ ପାର୍ଶ୍ୱକୁ ମାଡିଯାଇ ଏକ କେବୁଲ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ କେବୁଲ ତାର ଗୁଡିକ ଛିଣ୍ଡି ଯିବାରୁ ଅଞ୍ଚଳରେ କେବୁଲ୍ ସେବା ବ୍ୟାହତ ହୋଇଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଯୋଡା ପୋଲିସକୁ ଖବର ଦେଇଥିଲେ ଘଟଣାସ୍ଥଳରୁ ଡମ୍ପରର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ୧୬୮ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବାହାରିଲେ

କେନ୍ଦୁଝର, ୧୨।୧୨ (ସ୍ୱ.ପ୍ର.)



ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କେନ୍ଦୁଝର ଜିଲାରୁ ୧୬୮ଜଣ ବରିଷ୍ଠ ନାଗରିକ ଚଳିତ ଡିସେମ୍ବର ୧୨ ତାରିଖରୁ ଉତ୍ତର ଭାରତର ଋଷିକେଷ ଓ ହରିଦ୍ୱାର ଯାତ୍ରା କରିଛନ୍ତି। ଏହି ଉପଲକ୍ଷେ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଭାରମ୍ଭ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଟଣା ବିଧାୟକ ଜଗନ୍ନାଥ ନାଏକ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକଙ୍କର ତୀର୍ଥଯାତ୍ରାର ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଧାୟକ ନାଏକ ଏବଂ ଜିଲାପାଳ ୪ଟି ବସ୍‌ରେ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ପାଖକୁ ଯାଇ ସେମାନଙ୍କର ଯାତ୍ରା ଶୁଭମୟ ଓ ଆନନ୍ଦଦାୟକ ହେଉ ବୋଲି କାମନା କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ପରେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ତୀର୍ଥଯାତ୍ରୀମାନେ ଋଷିକେଶ ଓ ହରିଦ୍ୱାର ଅଭିମୁଖେ ଯାତ୍ରା କରିବେ।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ, ୨ ଅଟକ

ଢେଙ୍କିକୋଟ, ୧୨।୧୨(ଡି.ଏନ.ଏ.)-ଢେଙ୍କିକୋଟ ଫାଣ୍ଡି ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ଗତ ବୁଧବାର ସନ୍ଧ୍ୟାରେ ସମ୍ପୃକ୍ତା ମହିଳା ଜଣଙ୍କ ରାସ୍ତାରେ ଯାଉଥିବାବେଳେ ତାଙ୍କୁ ଏକାକୀ ପାଇ ୨ଯୁବକ ଗାଁ ନିକଟ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। ଗୁରୁବାର ଅପରାହ୍ନ ସାଢ଼େ ଗୋଟାଏ ବେଳେ ଉକ୍ତ ମହିଳା ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ଅଭିଯୋଗ ପାଇ ତୁରନ୍ତ ଘଟଣାର ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ବଳାତ୍କାର ମାମଲା (ନଂ. ୨୦୭/୧୯) ରୁଜୁ କରି ୨ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

# ଦୀପାଳିଙ୍କୁ ମିଳିଲା ସଫଳତା

ବଡବିଲ, ୧୨।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲସ୍ଥିତ ସାଧୁସିଂହଟିଂ ଅଞ୍ଚଳରେ ରହୁଥିବା ଦିନ ମଜୁରିଆଙ୍କ ଝିଅ ଦୀପାଳିଙ୍କୁ ତୃତୀୟ ଶ୍ରେଣୀ ବୃତ୍ତିରେ ସଫଳତା ମିଳିଛି। ସୂଚନା ପାଇ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ଛାତ୍ରୀଙ୍କୁ ଉତ୍ସାହିତ କରିବା ନିମନ୍ତେ ସମ୍ବର୍ଦ୍ଧିତ କରିଛନ୍ତି। ବଡବିଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସେ ହେଲେ ଛାତ୍ରୀ। ପଦ୍ମରୁ ପଙ୍କ ଫୁଟିଲାଭଳି ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଦୀପାଳି ଦଳେଇ ଗତ ବର୍ଷ ଦେଇଥିବା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇ ସଫଳତା ଲାଭ କରିଛନ୍ତି। ବଡବିଲ ସାଧୁ ସିଂ ହଟିଂ ଅଂଚଳରେ ରହୁଥିବା ମା' ଅନିତା ଦଳେଇ ଓ ବାପା କାଲୁଙ୍କ ଝିଅ ଦୀପାଳି। ବାପା ଦିନ ମଜୁରିଆ ହୋଇଥିଲାବେଳେ ମା' ଗୃହିଣୀ। ତେବେ ପାଠ ପଢାରେ କେବେହେଁ ଅବହେଳା କରିନାହାନ୍ତି ମା'। ଦୈନିକ ସମୟାନୁସାରେ ସ୍କୁଲକୁ ପଠାଇବା ସଙ୍ଗେ ସଙ୍ଗେ ଘରେ ପହଞ୍ଚିବା ପରେ ଝିଅର ପାଠ ପଢାରେ କେବେହେଲେ ବ୍ୟାଘାତ ସୃଷ୍ଟି କରିନାହାନ୍ତି। ତେବେ ଝିଅର ବୃତ୍ତି ପାଇବାରେ ସ୍କୁଲ କର୍ତ୍ତୃପକ୍ଷ ଅନିତାଙ୍କୁ ଉତ୍ସାହିତ କରିବାକୁ ଗୁରୁବାର ସ୍କୁଲର ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ବୈଦ୍ୟ, ବିଷ୍ଣୁପ୍ରିୟା ମିଶ୍ର, ଦେବବ୍ରତ ସାହୁ ଏବଂ ସ୍କୁଲ କମିଟି ଅଧକ୍ଷ ସୁବାଷ ଲୋହାର, ଉପାଧକ୍ଷ କୃଷ୍ଣ ପାତ୍ର ଓ ସମସ୍ତ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଛନ୍ତି। ଛାତ୍ରୀ ଅନିତାଙ୍କୁ ପାଠପଢା ସାମଗ୍ରୀ ଉପହାର ସ୍ୱରୂପ ଦେବା ସହ ତାଙ୍କରି ହାତରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଚକୋଲେଟ ବାଣ୍ଟି ସ୍କୁଲ କର୍ତ୍ତୃପକ୍ଷ ଅନ୍ୟ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଉତ୍ସାହିତ କରିଛନ୍ତି।


ଦୀପାଳିଙ୍କୁ ସ୍କୁଲ କର୍ତ୍ତୃପକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି।

# ବଜାର ଅଞ୍ଚଳରୁ ଚୋରି

ତେଲକୋଇ, ୧୨।୧୨(ଡି.ଏନ.ଏ.)

ତେଲକୋଇ ବଜାର ଅଞ୍ଚଳର ଏକ ଟେସନାରୀ ଦୋକାନ ପଛପଟୁ ଟାଇଲ ଖୋଲି ଏକ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଦୋକାନୀ ଅକ୍ଷୟ କୁମାର ସାହୁ ପ୍ରକାଶ ଅଭିଯୋଗ କରିଛନ୍ତି। ତେବେ ବଜାର ଅଞ୍ଚଳରେ ପୋଲିସ ବିଭାଗର ଦିନ ରାତି କାର୍ଯ୍ୟରତ କର୍ମଚାରୀ ରହିଥିବା ବେଳେ ଏହି ଚୋରିକୁ ନେଇ ଚର୍ଚ୍ଚା ଚାଲିଛି । ପୋଲିସ ଏନେଇ ଏକ ମାମଲା (ନଂ ୧୭୮/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

# ବେଧଡକ ଗଞ୍ଜା ଲଢ଼େଇ ଧରପଗଡ଼ ଦାବି

କେନ୍ଦୁଝର,୧୨।୧୨(ସ୍ୱ.ପ୍ର.)

ହରିଚନ୍ଦନପୁର ଥାନା ଅନ୍ତର୍ଗତ ବିଭିନ୍ନ ହାଟ ମାନଙ୍କରେ ବେଆଇନ ଭାବେ କୁକୁଡା ଲଢେଇ ଚାଲୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । କୁକୁଡା ଲଢେଇ ସହିତ ଜୁଆ ଖେଳ ଯୋଗୁ ଏହାକୁ ପୋଲିସ ପକ୍ଷରୁ ଧରପଗଡ କରାଯାଇଥାଏ । ଅନେକ ଅଞ୍ଚଳରେ ଏହି କାରଣରୁ ଏହକୁ ବନ୍ଦ କରିଦିଆଯାଇଥିଲେ ହେଁ କେତେକ ହାଟ ମାନଙ୍କରେ ଏବେ ମଧ୍ୟ କୁକୁଡା ଲଢେଇ ସହିତ ଏହା ପଛରେ ଜୁଆ ଖେଳ ଚାଲୁଥିଲେ ହେଁ ପୋଲିସ ଧରପଗଡ କରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଖୋଦ ହରିଚନ୍ଦନପୁର ଥାନା ନିକଟରେ ହାଟ ଦିନରେ ବେଧଡକ କୁକୁଡା ଲଢେଇ ଚାଲୁଥିଲେ ହେଁ ଧରପଗଡ ହେଉନଥିବା ଅଭିଯୋଗ ହେଉଛି । ସେହିପରି ଭଗାମୁଣ୍ଡା, ରେବଣାପଲାଶପାଳ ଆଦି ଅଞ୍ଚଳରେ ମଧ୍ୟ ବେଧଡକ କୁକୁଡା ଲଢେଇ ଓ ଜୁଆ ଖେଳ ଚାଲୁଥିବାରୁ ଧରପଗଡ କରିବାକୁ ଦାବି ହେଉଛି।

# 'ସଚେତନ ହେଲେ ଦୁର୍ଘଟଣା ରୋକାଯାଇପାରିବ'

ଚମ୍ପୁଆ,୧୨।୧୨(ଡି.ଏନ.ଏ)

ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ କେନ୍ଦୁଝର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ 'ସଡ଼କ ସୁରକ୍ଷା ସଚେତନତା' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସଡ଼କ ସୁରକ୍ଷା ସେଲ୍‌ର ଡିଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର, କେନ୍ଦୁଝର ଆର୍‌ଟିଓ ନିର୍ମଳ ମହାନ୍ତିଙ୍କ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷା କ୍ରିଷ୍ଣା କୁମାରୀ ଷଡ଼ଙ୍ଗୀ, ବିଇଓ ଗୋବର୍ଦ୍ଧନ ନାଏକ, ଚମ୍ପୁଆ ଆଇଆଇସି ମନୋରଞ୍ଜନ ପ୍ରଧାନ, ବଡବିଲ ଏଆରଟିଓ ମାନସ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉପଜିଲାପାଳ ନିଜକୁ ନିଜେ ପ୍ରଥମେ ସଚେତନ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଯୋଗ ଦେଇ ଭାରତରେ ବର୍ଷକୁ ୧.୫ଲକ୍ଷ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି ଏବଂ ଯେଉଁମାନେ ସୌଭାଗ୍ୟବଶତଃ ବଞ୍ଚି ଯାଉଛନ୍ତି ସେମାନେ ଜୀବନ ସାରା ପଙ୍ଗୁ ତଥା ଅସହାୟ ହୋଇ ପରିବାରର ବୋଝ ପାଲଟୁଛନ୍ତି। ବିଶେଷ ଭାବରେ ୬୦% ରାଜ୍ୟ ତଥା ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟୁଥିବାବେଳେ ୪୦% ଗ୍ରାମାଞ୍ଚଳ ରାସ୍ତାରେ ଦୁର୍ଘଟଣା ଘଟୁଛି। ଯୁବବର୍ଗ ତଥା କଲେଜ୍ ଛାତ୍ରଛାତ୍ରୀମାନେ ସଚେତନ ହେଲେ ଦୁର୍ଘଟଣାର ସଂଖ୍ୟା ହ୍ରାସ ହୋଇପାରିବ ବୋଲି ସେ ମତ ପୋଷଣ କରିଥିଲେ। ଏହାସହ 'ଗୋଲ୍‌ଡେନ୍ ଆୱାର' ବା ଠିକ୍ ସମୟରେ ଦୁର୍ଘଟଣାଗ୍ରସ୍ତ ଲୋକଟିର ଉପଯୁକ୍ତ ଚିକିତ୍ସା ସଂକ୍ରାନ୍ତରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟ୍ରମା କେୟାର ଖୋଲିବାକୁ ଯାଉଛନ୍ତି ବୋଲି ଉପଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକ ପରିଚାଳନା କରିଥିଲେ। ଆରଟିଓ ମହାନ୍ତି '୪-ଇ' ନିୟମ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ।


ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ମିଳିନି ଧାନ ବିକ୍ରି ଟଙ୍କା, ରାସ୍ତାକୁ ଓହ୍ଲାଇବେ ଚାଷୀ

**ବନ୍ତ, ୧୨।୧୨(ସ୍ୱ.ପ୍ର.):** ବନ୍ତ ବ୍ଲକ କାଦବରାଙ୍ଗ ସେବା ସମବାୟ ସମିତି ମଣ୍ଡିରେ ଗତବର୍ଷରୁ ଚାଷୀମାନେ ଧାନ ବିକ୍ରି କରି ରସିଦ୍ ହାସଲ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଟଙ୍କା ପାଇନାହାନ୍ତି। ଏହାର ପ୍ରତିବାଦରେ ସେମାନେ ଆସନ୍ତା ୧୬ ତାରିଖରେ ଆଗରପଡ଼ା-ଭଦ୍ରକ ରାସ୍ତାକୁ କାଦବରାଙ୍ଗଠାରେ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେମାନେ ସମିତି ସମ୍ପାଦକଙ୍କୁ ବହୁବାର ଜଣାଇବା ପରେ ଗତ ଅକ୍ଟୋବର ୧୩ରେ ବ୍ଲକ ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ରସିଦଗୁଡ଼ିକ ଠିକ୍ ନୁହେଁ କହି ଜିଲା ପ୍ରଶାସନ ଫେରାଇ ଦେଇଥିଲା। ଧାନ ବିକ୍ରି ଟଙ୍କା ତୁରନ୍ତ ନ ମିଳିଲେ ରାସ୍ତା ଅବରୋଧ କରିବେ ବୋଲି କୃଷି ମନ୍ତ୍ରୀଙ୍କ ସମେତ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ନାରାୟଣ ଆରଣ, କାର୍ତ୍ତିକ ଭାରତୀ, ବିଜୟ ଓଝା, ବିଷ୍ଣୁଚରଣ ମହାନ୍ତି, ଯୁଧିଷ୍ଠିର ଖିଲାର, ବସନ୍ତ ପାଳ, ଖଗେଶ୍ୱର ପାଲ, ସନ୍ତୋଷ ପାଳ, କାହ୍ନୁଚରଣ ଗିରି, ରଜାକ ଖାଁ ପ୍ରମୁଖ ପ୍ରକାଶ କରିଛନ୍ତି।

### ଦୀର୍ଘବର୍ଷ ସମସ୍ୟାର ହେବ ସମାଧାନ

**ଭଦ୍ରକ ଅଫିସ, ୧୨।୧୨:** ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଗୁରୁବାର ଗେଲଟୁଆ ପଞ୍ଚାୟତ ବଗମରା ଗ୍ରାମକୁ ଗସ୍ତ କରି ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଛନ୍ତି। ନୂଆ ଆଦିବାସୀ କଲୋନୀଠାରୁ ବାଇକ୍‌ରେ ୪ କି.ମି. ଦୂର ଗ୍ରାମକୁ ଯାଇ ଦୀର୍ଘଦିନର ରାସ୍ତା ସମସ୍ୟା ଅନୁଧ୍ୟାନ କରିବା ସହ ଶୀଘ୍ର ମରାମତି ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖନୀୟ ଯେ, ବଗମରା ଗ୍ରାମରେ ୨ ହଜାରରୁ ଅଧିକ ଲୋକ ବସବାସ କରୁଥିବାବେଳେ ଦୀର୍ଘଦିନ ଧରି ରାସ୍ତା ସମସ୍ୟା ନେଇ ବାରମ୍ବାର ପ୍ରଶାସନଠାରୁ ଲୋକ ପ୍ରତିନିଧି ସମସ୍ତଙ୍କୁ ଗୁହାରି କରିଆସୁଥିଲେ। ବିଧାୟକ ମଲ୍ଲିକ ଗ୍ରାମର ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ଗୁରୁବାର ବଗମରାରେ ପହଞ୍ଚିଥିଲେ। ଗ୍ରାମରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଫୋନରେ ଆଲୋଚନା କରିଥିଲେ। ବିଧାୟକଙ୍କ ସହ ଗେଲଟୁଆ ସରପଞ୍ଚ ସରୋଜ ଦାସ, ପୂର୍ବତନ ସରପଞ୍ଚ ଗଣେଶ ଦାସ, ଚଣ୍ଡିଗାଁ ସମିତିସଭ୍ୟ ପ୍ରିୟବ୍ରତ ନାୟକଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଧାରଣାରୁ ଉଠିଲେ ଚାଷୀ

**ଭଣ୍ଡାରିପୋଖରୀ, ୧୨।୧୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ପ୍ରାଥମିକ କୃଷି ସେବା ସମବାୟ ସମିତିଠାରେ ମଙ୍ଗଳବାରଠାରୁ ଧାରଣା ଦେଇଥିବା ଧାନ ବିକ୍ରି ଟଙ୍କା ପାଇ ନ ଥିବା ଚାଷୀମାନେ ଗୁରୁବାର ତୃତୀୟ ଦିନରେ ଓହରିଛନ୍ତି। ସମିତିର ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା ବିଭାଗୀୟ ଅଧିକାରୀ, ମିଲରଙ୍କ ସହ ଆଲୋଚନା କରିବା ପରେ ମିଲର ଧାନ କୁଇଣ୍ଟାଲ ପ୍ରତି ୧୫୦୦ଟଙ୍କା ଦେବାକୁ ରାଜି ହୋଇଥିଲେ। ସମ୍ପାଦକ ପଣ୍ଡା ଚାଷୀମାନଙ୍କ ସହ ଆଲୋଚନା କରି ଭେଣ୍ଡର ରସିଦ୍ ଅନୁସାରେ କେଉଁ ଚାଷୀ କେତେ ଧାନ ଦେଇଛନ୍ତି, ସେମାନଙ୍କୁ ଆସନ୍ତା ସୋମବାର କୁଇଣ୍ଟାଲ ପିଛା ୧୫୦୦ ଟଙ୍କା ଲେଖାଏ ଦିଆଯିବ ବୋଲି କହିବାରୁ ଅପରାହ୍ଣରେ ଧାରଣାରୁ ଉଠିଥିଲେ।

### ବାର୍ଷିକ ଶିଶୁ ଉତ୍ସବ

**ତିହିଡ଼ି, ୧୨।୧୨(ଡି.ଏନ.ଏ.):** ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ସଦାନନ୍ଦପୁରସ୍ଥିତ ଶଶୀଶୋଭା ବାଳିକା ହାଇସ୍କୁଲ ପରିସରରେ ଗୁରୁବାର ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ତିହିଡ଼ି ବ୍ଲକ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବ୍ଲକର ୨୫ଟି ସ୍କୁଲରୁ ୨ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୧୦ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସାମାଜିକ କର୍ମୀ ଦୀନବନ୍ଧୁ ପତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାରେ ସଂଘର ବ୍ଲକ ସଭାପତି ବାଳକୃଷ୍ଣ ସେନାପତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ସରପଞ୍ଚ ପ୍ରଦୀପ ପଣ୍ଡା, ଓଷ୍ଟାର ରାଜ୍ୟ ସମ୍ପାଦକ ଅକ୍ଷୟ ହୋତା, ସୁରଜିତା ନାୟକ ଓ ଶ୍ରୀକାନ୍ତ ନାୟକ ଯୋଗ ଦେଇଥିଲେ। ସଂଘର ବ୍ଲକ ସମ୍ପାଦକ ଦେବବ୍ରତ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାରିକ ଅତିଥି ପରିଚୟ ଦେଇଥିଲେ। ବିଶ୍ୱନାଥ ପଣ୍ଡା ଶେଷରେ ଧନ୍ୟବାଦ ଦେଇଥିଲେ।

# ପ୍ରକଳ୍ପ ଥାଇ ବି ପୋଖରୀ ଭରସା

**ଆରଡ଼ି, ୧୨।୧୨ (ଡି.ଏନ.ଏ.)**



ତଳଦୁମୁକା ମହାକୁଡ ସାହିର ମହିଳାମାନେ ପୋଖରୀରୁ ପାଣି ନେଇ ଯାଉଛନ୍ତି।

- ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାତ୍ର ଗୋଟିଏ ନଳକୂପ
- ବିଦ୍ୟୁତ୍ ନ ଥିଲେ ପାଇପ୍ ପାଣି ବନ୍ଦ

ଗ୍ରାମାଞ୍ଚଳରେ ଲୋକଙ୍କୁ ସୁବିଧାରେ ପାନୀୟଜଳ ଯୋଗାଇ ଦେବା ପାଇଁ ନିର୍ମାଣ କରାଯାଇଛି ଜଳ ପ୍ରକଳ୍ପ। ସେଥିଲାଗି ଆଉ ଗାଁରେ ସରକାରୀ ନଳକୂପ ବସାଯାଉନି। ହେଲେ ପ୍ରକଳ୍ପ ଚଳାଇବା ପାଇଁ ନିଯୁକ୍ତ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁ ଗାଁ ଲୋକେ ପାଇପ୍ ପାଣି ପାଇବାରେ ହଇରାଣ ହେଉଛନ୍ତି। ଗାଁରେ ଏକମାତ୍ର ନଳକୂପ ଥିବାବେଳେ ତାହା ବହୁଦିନର ହୋଇଯାଇଥିବାରୁ ଗୋଟିଏ ମାଠିଆ ପୂରିବାକୁ ପ୍ରାୟ ୧୦ ମିନିଟ୍ ଲାଗୁଛି। ନଳକୂପ ଅଚଳ ହୋଇଗଲେ ଗାଁ ପୋଖରୀ ହିଁ ସାହା ଭରସା। ଏହା କୌଣସି ଉପାନ୍ତ ଅଞ୍ଚଳର ସମସ୍ୟା ନୁହେଁ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ତଳଦୁମୁକା ମହାକୁଡ଼ ସାହିରେ ଏଭଳି ସମସ୍ୟା ଲାଗି ରହିଛି।

ସୂଚନା ଅନୁଯାୟୀ, ଏହି ସାହିର ଲୋକସଂଖ୍ୟା ୫ ଶହରୁ ଊର୍ଦ୍ଧ୍ୱ। ପାନୀୟ ଜଳ ଯୋଗାଣ ପାଇଁ ଗାଁରେ ନିର୍ମିତ ହୋଇଛି ଜଳ ପ୍ରକଳ୍ପ। କିନ୍ତୁ ଆବଶ୍ୟକ ଅନୁସାରେ ପାଣି ପାଇପାରୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା କୁହାଯାଇଛି। ଲୋକେ ସାହିରେ ଥିବା ଏକମାତ୍ର ନଳକୂପରୁ ପାଣି ନେଇ ପିଉଛନ୍ତି। ନଳକୂପଟି ପୁରୁଣା ହୋଇଥିବାରୁ ସେଥିରୁ ଠିକ୍ ଭାବେ ପାଣି ବାହାରୁ ନାହିଁ। ସକାଳ ଓ ସନ୍ଧ୍ୟା ସମୟରେ ନଳକୂପ ପାଖରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ନଳକୂପ ଖରାପ ହେଲେ ମରାମତି ପାଇଁ ୧୦ ଦିନରୁ ଅଧିକ ସମୟ ଲାଗୁଛି। ଏଣୁ ନଳକୂପ ଖରାପ ସମୟରେ ଲୋକେ ବାଧହୋଇ ଗାଁ ପୋଖରୀ ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ପାନୀୟ ଜଳ ଯୋଗାଣ ଦାୟିତ୍ୱ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିବାବେଳେ ଏହି ସାହିରେ ଉତ୍କଟ ଜଳ ସମସ୍ୟା ପ୍ରତି ଦୃଷ୍ଟି ପଡୁ ନ ଥିବା କେତେକ ଲୋକ ପ୍ରକାଶ କରିଛନ୍ତି। ସେହିପରି ଜଳ ପ୍ରକଳ୍ପ କର୍ମଚାରୀ ମଧ୍ୟ ନିଜ ମନମାନିରେ ପାଣି ଯୋଗାଇଥାନ୍ତି ବୋଲି ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ସାଆଁଳପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚରଠାରୁ ପ୍ରାୟ ୧୫ କି.ମି. ଦୂରରେ ଏହି ଗାଁ ଥିବାରୁ ବିଦ୍ୟୁତ୍ ସମସ୍ୟା ସୃଷ୍ଟି ହେଉଛି। ବେଳେବେଳେ ୨ ଦିନ ଧରି ମଧ୍ୟ ଏହି ଗାଁକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହେ। ଏହାଦ୍ୱାରା ପାଇପ୍ ପାଣି ଯୋଗାଣ ହୋଇପାରେ ନାହିଁ। ଫଳରେ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହୁଅନ୍ତି। ମାସକ ମଧ୍ୟରେ ପାନୀୟଜଳ ସମସ୍ୟାର ସମାଧାନ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହା କେବଳ ମହାକୁଡ ସାହିର ସମସ୍ୟା ନୁହେଁ ଗାଁରେ ଥିବା ୫ଟି ସାହିର ସମସ୍ୟା ବୋଲି କହିଛନ୍ତି ମହାକୁଡସାହି ଅଧିବାସୀ ବେଣୁଧର ଦାସ ଓ ଗଣେଶ ନାୟକ। ଏ ସମ୍ପର୍କରେ ଶ୍ୟାମସୁନ୍ଦରପୁର ସରପଞ୍ଚ ଝରଣା ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ସେହି ଗାଁରେ ଜଳ ପ୍ରକଳ୍ପ ଥିବାରୁ ସେଠାରେ ନଳକୂପ ଆଉ ବସିପାରିବ ନାହିଁ। ଏହାଛଡ଼ା ସେହି ସାହିରେ ଥିବା ନଳକୂପ ଖରାପ ହେଲେ ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯାଇଛି। ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଣ ଲାଗି କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେଥିରେ ତ୍ରୁଟି ଥିଲେ ସୁଧାର ଆଣିବା ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଉପସ୍ଥାନ କମ୍ ବନ୍ଦ ହେଲା ୪ ବିଦ୍ୟାଳୟ

**ବନ୍ତ, ୧୨।୧୨ (ସ୍ୱ.ପ୍ର.)**

ଶିକ୍ଷା ବିଭାଗ ଆଇନ ଅନୁଯାୟୀ ଆବଶ୍ୟକ ଉପସ୍ଥାନ ଅଭାବରୁ ବନ୍ତ ବ୍ଲକରେ ୪ଟି ବିଦ୍ୟାଳୟ ବନ୍ଦ କରିଦିଆଯାଇଛି। ବ୍ଲକ ଶିକ୍ଷାଧିକାରଙ୍କ କାର୍ଯ୍ୟାଳୟରୁ ଉକ୍ତ ୪ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଆସିଥିବା ଚିଠି ଅନୁସାରେ ଓଲଡାଙ୍ଗ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ୭ ଥିବାରୁ ବନ୍ଦ କରାଯାଇ ସୁବର୍ଣ୍ଣେଶ୍ୱର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ନରସିଂହପୁର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ୯ ଥିବାରୁ ବନ୍ଦ କରାଯାଇ ପାନପଦୀ ପ୍ରାଥମିକ ବିଦ୍ୟାଳୟରେ, ପୁରୁଷୋତ୍ତମପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ୮ ଥିବାରୁ ମହତାବ ଉଚ୍ଚ ପ୍ରାଥମିକ ଏବଂ ୱାରିପୁର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ୮ ଥିବାରୁ ବନ୍ଦ କରାଯାଇ କୁଣ୍ଡଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶାଇ ଦିଆଯାଇଛି। ୪ ବିଦ୍ୟାଳୟର ୯ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

# ତୀର୍ଥଯାତ୍ରା ଗଲେ ୧୪୬ ବରିଷ୍ଠ ନାଗରିକ




ତୀର୍ଥଯାତ୍ରା ବସ୍‌କୁ ଉଦ୍‌ଘାଟନ କରୁଛନ୍ତି ଭାରପ୍ରାପ୍ତ ଜିଲାପାଳ ଓ ବିଧାୟକ।

**ଭଦ୍ରକ ଅଫିସ, ୧୨।୧୨**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲାର ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଉପଜିଲାପାଳ ପୀତାମ୍ବର ସାମଲ ପତାକା ହଲାଇ ଏହାକୁ ଉଦ୍‌ଘାଟନ କରିବା ସହ ବରିଷ୍ଠ ନାଗରିକମାନଙ୍କ ଯାତ୍ରାର ଶୁଭକାମନା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୭୭ ପୁରୁଷ ଓ ୬୯ ମହିଳାଙ୍କୁ ମିଶାଇ ମୋଟ ୧୪୬ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯାଇଛନ୍ତି। ଏହି ତୀର୍ଥଯାତ୍ରୀମାନେ ଗୁରୁବାର ୩ଟି ବସ୍‌ରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ବାଲେଶ୍ୱରଠାରେ ରହି ଶୁକ୍ରବାର ସ୍ୱତନ୍ତ୍ର ତୀର୍ଥଯାତ୍ରା ଟ୍ରେନରେ ହରିଦ୍ୱାର ଓ ଋଷିକେଶ ଯାତ୍ରା କରିବେ। ଆସନ୍ତା ୧୮ ତାରିଖରେ ସେମାନେ ପ୍ରତ୍ୟାବର୍ତ୍ତନ କରିବେ। ସେମାନଙ୍କ ସହିତ ଜିଲାପାଳଙ୍କ କାର୍ଯ୍ୟାଳୟର ରସିକ ମହାନ୍ତି ଓଏସ୍‌ଡି ଏବଂ ସହକାରୀ ଜିଲାପାଳ ବସନ୍ତ ଲେଙ୍କା ଗାଇଡ୍ ଭାବେ ଯାତ୍ରା କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ଜନଆକ୍ରୋଶ ସମାବେଶ




ବନ୍ତ ଥାନା ଛକଠାରେ ଜନଆକ୍ରୋଶ ସମାବେଶରେ ଯୋଗଦେଇଥିବା ଅତିଥି।

**ବନ୍ତ, ୧୨।୧୨(ଡି.ଏନ.ଏ.)**

ବନ୍ତ ବଜାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଘଟଣାକୁ ନେଇ ତହସିଲ କର୍ତ୍ତୃପକ୍ଷଙ୍କ ଦୁର୍ବ୍ୟବହାର ଓ ବେନିୟମ କାର୍ଯ୍ୟ ବିରୋଧରେ ଗୁରୁବାର ଥାନା ଛକଠାରେ ଜନଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଥିଲା। ବନ୍ତ ଅଞ୍ଚଳର ନାଗରିକ ମଞ୍ଚ, ବୁଦ୍ଧିଜୀବୀ ଓ ଉଠାଦୋକାନୀମାନେ ମିଳିତ ହୋଇ ଥାନା ଛକଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଥାନା ଛକଠାରେ ପୂର୍ବତନ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ସମାବେଶ ହୋଇଥିଲା। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଡା. ପ୍ରଶାନ୍ତ ମିଶ୍ର, ରାଜ୍ୟ ଉଠାଦୋକାନୀ ମହାସଂଘର ସଂଯୋଜକ ଜୟନ୍ତ ଦାଶ, ୧୫ ନଂ.ଜୋନ୍ କଂଗ୍ରେସ ସଭାପତି ଅନନ୍ତ ଚରଣ ଦାଶ, ସମିତିସଭ୍ୟ ରତିକାନ୍ତ ଜେନା, ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, କୃଷକ ନେତା ସୁବାସ ବେହେରା, ବ୍ଲକ ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ନାୟକ, ବନ୍ତ ବଜାର କମିଟି ସଭାପତି ନୃସିଂହ ଚରଣ ପରିଡା ଓ ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିସ୍ଥାପନ ନିୟମକୁ ଉଲ୍ଲଂଘନ କରାଯାଇ ଉଠାଦୋକାନୀମାନଙ୍କୁ କ୍ଷତିପୂରଣ ପ୍ରଦାନ ଓ ଥଇଥାନ କରା ନ ଯାଇ ତହସିଲ ପ୍ରଶାସନ ପକ୍ଷରୁ ଘର ଭାଙ୍ଗିଦିଆଯିବାକୁ ସେମାନେ ନିନ୍ଦା କରିବା ସହିତ ତହସିଲଦାରଙ୍କୁ ତୁରନ୍ତ ଗିରଫ ଓ ଚାକିରିରୁ ବହିଷ୍କାର କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

# ଧାମରାରେ ନୂତନ ହେନ୍ତାଳ ବନ ଲାଗି ସଚେତନତା

**ଚାନ୍ଦବାଲି, ୧୨।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ନିକଟସ୍ଥ ଜୟଦୁର୍ଗାପାଟଣାରେ ପ୍ରାୟ ୭୦ ଏକର ଜମିରେ ନୂତନ ହେନ୍ତାଳ ବଣ ସୃଷ୍ଟି କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା କରାଯାଇଛି। ଭଦ୍ରକ କୃଷିବିଜ୍ଞାନ କେନ୍ଦ୍ର ସହାୟତାରେ ବୈଜ୍ଞାନିକ ପଦ୍ଧତିରେ ଚାନ୍ଦବାଲି ଫରେଷ୍ଟ ଅଧୀନ ଧାମରାଠାରେ ଆଗାମୀ ଦିନରେ ଏହି ନୂତନ ହେନ୍ତାଳ ବଣ ସୃଷ୍ଟି କରାଯିବ। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗୁରୁବାର ସଚେତନତା ଶିବିର ଧାମରାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଲୋକେ ଓ ମତ୍ସ୍ୟଜୀବୀମାନେ ଶିବିରରେ ଯୋଗ ଦେଇଥିଲେ। ଭଦ୍ରକ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଅରବିନ୍ଦ ଦାସ ଏଥିରେ ସଭାପତିତ୍ୱ କରିଥିଲେ।

ଭଦ୍ରକ ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ ମୁଖ୍ୟଅତିଥି ଭାବେ ଯୋଗଦେଇ ହେନ୍ତାଳ ବଣ ସୃଷ୍ଟି ଫଳରେ ସ୍ଥାନୀୟ ଅଞ୍ଚଳର ପରିବେଶ ଉପରେ ଏହା କିପରି ପ୍ରଭାବ ପକାଇବ ସେ ସମ୍ପର୍କରେ ବୁଝାଇଥିଲେ। ବୈଜ୍ଞାନିକ ଗୟାଧର ସିଅଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୁଣା ଜଙ୍ଗଲ ଓ ହେନ୍ତାଳ ବଣର ଉପକାରିତା ଏବଂ ଜୈବ ବିବିଧତା ସମ୍ପର୍କରେ କହିଥିଲେ। କୃଷିବିଜ୍ଞାନ କେନ୍ଦ୍ରର ପରିଚାଳକ ବୈଜ୍ଞାନିକ ମଣ୍ଟୁ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ଧାମରାଇ ମତ୍ସ୍ୟଜୀବୀ ସଂଘର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଜେନା, ଅଭିମନ୍ୟୁ ରାଉତ, ଚାନ୍ଦବାଲି ରେଞ୍ଜର ସୁବାସ ନାୟକ, ଧାମରା ବନପାଳ ଗଦାଧର ବିଶ୍ୱାଳ, ଲକ୍ଷ୍ମୀଧର ବାରିକ, ବନରକ୍ଷୀ ସୁଶୀଲ ସିଂ, ଚନ୍ଦନୀପାଳ ବାଲିଚର ମତ୍ସ୍ୟଜୀବୀ ସଂଘର ବଳରାମ ମାଝୀ ଓ ଅଶୋକ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ

**ଭଦ୍ରକ ଅଫିସ, ୧୨।୧୨**

ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କରିଥିବା ନାଗରିକତ୍ୱ ସଂଶୋଧନ ବିଲ୍(ସିଏବି)କୁ ବିରୋଧ କରି ଗୁରୁବାର ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ମଦିନା ମଇଦାନଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଚଉଦ ମହଲା ମୁସ୍‌ଲିମ ଜମାତ ସଭାପତି ହାଜି ଅବଦୁଲ ବାରୀ ଏଥିରେ ସଭାପତିତ୍ୱ କରିଥିଲେ। ସୁଧାକର ରାଉତ, ମୁରଲୀଧର ଜେନା, ହରିହର ନନ୍ଦୀ, ରାଧା ଦାସ, ଦିବ୍ୟସିଂହ ନାୟକ, ସୂର୍ଯ୍ୟକାନ୍ତ କୁଅଁର, ତୁଷାର ମହାନ୍ତି, ନଳିନୀ ମହାନ୍ତି, ପ୍ରକାଶଜ୍ୟୋତି ମହାକୁଡ଼, ରାଜୁ ଜେନା ପ୍ରମୁଖ ଉପସ୍ଥିତ ରହି ଏହି ବିଲ୍‌କୁ ବିରୋଧ କରି ବିଭିନ୍ନ ବକ୍ତବ୍ୟ ରଖିଥିଲେ। ମୁସ୍‌ଲିମ ଜମାତ ପକ୍ଷରୁ ଉପସଭାପତି ମହମ୍ମଦ ଜକା ଉଲ୍ଲା, ସାଧାରଣ ସମ୍ପାଦକ ଶେଖ୍ ଏନାମ୍ ମହମ୍ମଦ, ସମ୍ପାଦକ ଅବଦୁଲ୍ ମୋକିତ୍ ଖାଁ ଓ ଶେଖ୍ ସିରାଜୁଦ୍ଦିନ, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ଶେଖ୍ ଅବୁକଲାମ୍, ହାଜି ଅନୱର ହୋସେନ ଓ ଜମିଲ ଅଖତର୍ ଖାଁ ପ୍ରମୁଖ ଏହି ବିଲ୍ ମୁସଲମାନ ସମ୍ପ୍ରଦାୟକୁ ପ୍ରତାରଣା ଓ ବିତାଡ଼ିତ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥିବା ଅଭିଯୋଗ କରିଥିଲେ। ଦେଶର ସମ୍ବିଧାନ ଓ ଧର୍ମନିରପେକ୍ଷତାକୁ ବଞ୍ଚାଇ ରଖିବା ପାଇଁ ଏକ ସ୍ମାରକପତ୍ର ରାଷ୍ଟ୍ରପତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହାୟକ ଜିଲାପାଳ ମନୋରମା ଜାଲିଙ୍କୁ ପ୍ରଦାନ କରାଯାଇଛି।

# ସାନ୍ଧ୍ୟ ବିଦ୍ୟାଳୟ 'ଜୀବନ' ଉଦ୍‌ଘାଟିତ

**ଚାନ୍ଦବାଲି, ୧୨।୧୨(ଡି.ଏନ.ଏ.)**




ସାନ୍ଧ୍ୟ ବିଦ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କାଣ୍ଡଗରଡି ପଞ୍ଚାୟତ ତାଳଆଡିଆ ଗାଁରେ ଜୀବନ ନାମକ ଏକ ସାନ୍ଧ୍ୟ ବିଦ୍ୟାଳୟ ସଂଗ୍ରାମ ସେନା ପକ୍ଷରୁ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ବିଦ୍ୟାଳୟରେ ପ୍ରତ୍ୟହ ସନ୍ଧ୍ୟାରେ ଗାଁର ପିଲାମାନେ ପାଠପଢ଼ାର ସୁଯୋଗ ପାଇବେ। ଗୟାଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସଂଗ୍ରାମ ସେନାର ମୁଖ୍ୟ ସଂଗ୍ରାମ କେଶରୀ ରାଉତ ଯୋଗଦେଇ ଏହି ବିଦ୍ୟାଳୟ ଅନୁସୂଚିତ ଜାତି ବହୁଳ ତାଳଆଡିଆ ଗାଁର ପିଲାମାନଙ୍କ ପାଠପଢ଼ାର ମାନ ବୃଦ୍ଧି ଦିଗରେ ସହାୟକ ହେବ ବୋଲି କହିଥିଲେ। ସଂଗ୍ରାମ ସେନାର ଆବାହକ ବୀରେନ ସାହୁ, ସୁକାନ୍ତ ନାୟକ, ଗଜେନ୍ଦ୍ର ରାୟ, ରତିକାନ୍ତ ସାହୁ, ବୀରେନ୍ଦ୍ର ପରିଡା, ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଗାଁର ଛାତ୍ରୀଛାତ୍ର ଓ ଅଭିଭାବକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

**ଭଦ୍ରକ ଅଫିସ, ୧୨।୧୨**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ବୁଧବାର ମଧ୍ୟାହ୍ନରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ କାହ୍ନା ଜେନା ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ନାବାଳିକାଙ୍କ ମା' ଗ୍ରାମାଞ୍ଚଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିବାର ସୁଯୋଗରେ କାହ୍ନା ତାଙ୍କ ଘରେ ପଶିଥିଲେ। ସେ ତାଙ୍କ ନାବାଳିକା ଝିଅର ମୁହଁକୁ ଓଢ଼ଣୀରେ ବାନ୍ଧି ବଳାତ୍କାର ଉଦ୍ୟମ କରିଥିଲେ। ତାଙ୍କ ଝିଅ ପାଟି ଶୁଣି ଗାଁ ଲୋକେ କବାଟ ବାଡ଼େଇବାରୁ କାହ୍ନା ଘରୁ ବାହାରି ଦୌଡ଼ି ପଳାଇଥିଲେ। ଝିଅର ଫୋନକଲ୍ ପାଇ ପରିବାର ଲୋକେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୬୧/୧୯) ରୁଜୁ କରି ଗିରଫ କାହ୍ନାଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

# 'କବିତା ସାହିତ୍ୟର କଥା କହେ'

**ଭଦ୍ରକ ଅଫିସ, ୧୨।୧୨**

ଭଦ୍ରକ ଟାଉନହଲ ପରିସରରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ 'ଉଦ୍‌ବୋଧନମୂଳକ କବିତାର ସ୍ୱର ଓ ସ୍ୱାକ୍ଷର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାବିନୋଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯାଜପୁର ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁବ୍ରତ ଦାସ ଓ ମୁଖ୍ୟବକ୍ତା ସ୍ତମ୍ଭକାର ସରଳ ଦାସ ଯୋଗଦେଇ କବିତା ସାହିତ୍ୟର କଥା କହେ ବୋଲି ମତବ୍ୟକ୍ତ କରିଥିଲେ। ସମାଜ ସଂସ୍କାର କ୍ଷେତ୍ରରେ କବିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସାଂସ୍କୃତିକ ସମ୍ପାଦକ ସୁଧାକର ରାଉତ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ. ଅଭୟ ଦାସ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ସଭାପତି ଅଜୟ ନାୟକଙ୍କ ଦ୍ୱାରା ଅତିଥିମାନଙ୍କୁ ତ୍ୟାଗଭୂମି ପବ୍ଲିକେଶନ ପ୍ରକାଶିତ ପୁସ୍ତକ ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ବୈଲୋଚନ ବେହୁରିଆ ଶେଷସ୍ୱର୍ଣ୍ଣ ପ୍ରଦାନ କରିଥିଲେ। ଶେଷରେ ଗରଦପୁର ବଂଶୀବଲ୍ଲଭ ସାହିତ୍ୟ ସଂସଦ ପକ୍ଷରୁ ଐତିହାସିକ ମୋଗଲ ତାମସା ପରିବେଷଣ ହୋଇଥିଲା।



ମହୋତ୍ସବରେ ଉପସ୍ଥିତ ଅତିଥି।

# ଗଳାପୋଲ ପାଇଁ ସବୁଜ ସଙ୍କେତ

**ଭଣ୍ଡାରିପୋଖରୀ, ୧୨।୧୨(ଡି.ଏନ.ଏ.)**



କ୍ଷେତ୍ର ପରିଦର୍ଶନ ବେଳେ ଠିକାସଂସ୍ଥା ସହ ଲୋକେ ଆଲୋଚନା କରୁଛନ୍ତି।

ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରେ ୧୬ ନମ୍ବର ଜାତୀୟ ରାଜପଥ ୬ ଲେନ୍‌ରେ ସମ୍ପ୍ରସାରଣ କାମ ଚାଲିଥିବାବେଳେ ବସ୍‌ଷ୍ଟାଣ୍ଡଠାରେ ଏକ ଗଳାପୋଲ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ରାଜପଥ କାମ କରୁଥିବା ଠିକାସଂସ୍ଥା ଏଥିପ୍ରତି କୌଣସି ଦୃଷ୍ଟି ନ ଦେବାରୁ ସ୍ଥାନୀୟ ଜନସାଧାରଣ ସରପଞ୍ଚଙ୍କ ସମେତ କିଛିଦିନ ତଳେ କାମ ବନ୍ଦ କରାଇଥିଲେ। ଗୁରୁବାର ନିର୍ମାଣକାରୀ ଠିକାସଂସ୍ଥାର ପଦାଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ଗଳାପୋଲ ନିର୍ମାଣ ଲାଗି ସବୁଜ ସଙ୍କେତ ଦେଇଛନ୍ତି। ଏହାଛଡ଼ା ପାଳଦାବାଙ୍କଠାରେ ମଧ୍ୟ ଅଣ୍ଡରପାସ୍ ନିର୍ମାଣ ହେବ ବୋଲି ସଏଲ ଟେଷ୍ଟ ପାଇଁ ସମସ୍ତ ତଥ୍ୟ ଦିଲ୍ଲୀ ଯାଇଥିବା ଅଧିକାରୀମାନେ ସୂଚନା ଦେଇଥିଲେ।

ପ୍ରକାଶଥାଉ କି, ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରୁ ପାଳଦାବାଙ୍କ ପର୍ଯ୍ୟନ୍ତ ଦୁର୍ଘଟଣା ପ୍ରବଣ ଅଞ୍ଚଳ। ପାଳଦାବାଙ୍କଠାରେ ଓଭରବ୍ରିଜ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ଜଣାଇ ଆସୁଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବ ଯୋଗୁ ଓଭରବ୍ରିଜ ପରିବର୍ତ୍ତେ ନିର୍ମାଣକାରୀ ସଂସ୍ଥା କିପରି ଗଳାପୋଲ ପାଇଁ ସହମତି ପ୍ରକାଶ କରୁଛନ୍ତି ତାହା ବୁଝାପଡୁନି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପାଳଦାବାଙ୍କ ଡେଥ୍ ଜୋନ୍ ଭାବେ ପରିଚିତ। ଏଠାରେ ଏକ ପୋଲ ନିର୍ମାଣ ପାଇଁ ଦାବି କରାଯାଉଛି। ଚନ୍ଦ୍ରଭାନୁପୁର ଗାଁକୁ ପ୍ରଶସ୍ତ ବାଇପାସ୍ ରାସ୍ତା, ରାସ୍ତାପାର୍ଶ୍ୱରେ ଥିବା ନୂତନ ପାଣିନାଳ ଖନନ, ସର୍ଭିସ୍‌ରୋଡ ନିର୍ମାଣ ହେବା ପରେ ବସ୍‌ଷ୍ଟାଣ୍ଡଠାରେ ଗଳାପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଗୁରୁବାର ନିର୍ମାଣକାରୀ ସଂସ୍ଥାର କ୍ଷେତ୍ରୀୟ ପରିଦର୍ଶନ ବେଳେ ସିନିୟର ମ୍ୟାନେଜର ଉମେଶ ଚନ୍ଦ୍ର ଜେନା, ପଙ୍କଜ ଶର୍ମା, ଶ୍ରୀସେନ୍ଦୁ ଜାନାଙ୍କ ସହ ପଞ୍ଚାୟତସ୍ତରୀୟ ନେତା ଲଳିତ କୁମାର ରାଉତ, ଶ୍ୟାମସୁନ୍ଦର ମହାପାତ୍ର, ସତ୍ୟାନନ୍ଦ ମହାପାତ୍ର, ହେମନ୍ତ ଜେନା, ଅନନ୍ତ ତ୍ରିପାଠୀ, ଭଗବାନ ନାୟକ, ଲିଟୁ ନାୟକ, ରବୀନ୍ଦ୍ର ଜେନା, ସୁରୀ ସାମଲ, ଉଦକର ନାୟକ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

